ଭାରତୀୟ ଜନତା ପାର୍ଟି, ଓଡିଶା

ତୈଳ ଦର ବୃଦ୍ଧିକୁ ନେଇ ବିଜେଡି ଆନ୍ଦୋଳନ କରିବା ପ୍ରସଙ୍ଗରେ

# ରାଜ୍ୟସରକାର ତେଲ ଉପରେ ବର୍ଷକୁ ୭ ହଜାର କୋଟିରୁ ଉର୍ଦ୍ଧ୍ୱ ରାଜସ୍ୱ ପାଇବା ସତ୍ତ୍ୱେ ଟ୍ୟାକ୍ସ ହାର ହ୍ରାସ ନକରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ : ବିଜେପି

- **ରାଜ୍ୟବାସୀଙ୍କୁ ବିଭ୍ରାନ୍ତି କରିବା ପାଇଁ ଶାସକ ବିଜେଡି କେବଳ କୁମ୍ଭୀର କାନ୍ଦଣା କାନ୍ଦୁଛି**
- **ତୈଳଦର ବୃଦ୍ଧିକୁ ନେଇ କେନ୍ଦ୍ର ସରକାର ଚିନ୍ତିତ ଅଛନ୍ତି**
- **ଏ ଆନ୍ଦୋଳନ ତୈଳଦରରୁ ସାଧରଣ ଲୋକଙ୍କୁ ମୁକ୍ତି ଦେବା ପାଇଁ ନୁହେଁ ବରଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପରେ ରାଜନୈତିକ ଆକ୍ରମଣ**

**ଭୁବନେଶ୍ୱର,ତା.୦୧/୧୦:** ତୈଳଦର ବୃଦ୍ଧିକୁ ନେଇ କେନ୍ଦ୍ର ସରକାର ଚିନ୍ତିତ ଅଛନ୍ତି । କିନ୍ତୁ ବିଜେଡି ତେଲ ଉପରେ ଟ୍ୟାକ୍ସ କମ୍ ନକରି ଆନ୍ଦୋଳନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ।  ଏ ଆନ୍ଦୋଳନ ତୈଳଦରରୁ ସାଧରଣ ଲୋକଙ୍କୁ ମୁକ୍ତି ଦେବା ପାଇଁ ନୁହେଁ ବରଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୁଦ୍ଧରେ ଏଭଳି ଆନ୍ଦୋଳନ ହେଉଛି ବୋଲି ରାଜ୍ୟ ବିଜେପି ମୁଖପାତ୍ର ଶ୍ରୀ ଗୋଲକ ମହାପାତ୍ର କହିଛନ୍ତି ।

ତୈଳଦର କମାଇବାକୁ ଶାସକ ବିଜେଡିର ଆନ୍ତରିକତା ନାହିଁ । ରାଜ୍ୟ ସରକାର ତୈଳଜାତ ଦ୍ରବ୍ୟ ଉପରେ ନେଉଥିବା ଟିକସକୁ କାହିଁକି କମ୍ କରୁନାହାଁନ୍ତି ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି । ରାଜ୍ୟ ସରକାର ଚାହିଁଲେ ଭାଟ୍‌କୁ ସାମୟିକ ଭାବରେ କମାଇ ପାରନ୍ତେ । କିନ୍ତୁ ତାହା ନକରି ଲୋକଙ୍କୁ ବିଭ୍ରାନ୍ତି କରି ହୀନ ରାଜନୀତି କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

ରାଜ୍ୟସରକାର ତେଲ ଉପରେ ୨୬ ପ୍ରତିଶତ ଟାକ୍ସ ନେଉଛନ୍ତି । ନିକଟରେ ବିଭିନ୍ନ ରାଜ୍ୟ ତେଲ ଉପରେ ଭାଟ୍ କମ୍ କରିଥିଲେ ବି ରାଜ୍ୟ ସରକାର ଚୁପ୍ ରହି ମିଥ୍ୟା ଆନ୍ଦୋଳନ କରିବାଲେ ଲାଗିଛନ୍ତି । ରାଜ୍ୟସରକାର ତେଲ ଉପରେ ବର୍ଷକୁ ୭ ହଜାର କୋଟିରୁ ଉର୍ଦ୍ଧ୍ୱ ପାଇବା ପରେ ଟ୍ୟାକ୍ସ କମ୍ ନକରି କେବଳ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

ଶାସକ ବିଜେଡି ନିଜ ଦାୟୀତ୍ୱ ନତୁଲାଇ କେବଳ କେନ୍ଦ୍ରମନ୍ତ୍ରୀଙ୍କୁ ସବୁ ସମୟରେ ଟାର୍ଗେଟ କରି କେବଳ ରାଜନୈତିକ ଶତ୍ରୁତା କରିବାକୁ ଚାହୁଁଛି । ବାସ୍ତବରେ ତୈଳଦରରୁ ମୁକ୍ତି ଦେବାକୁ ଶାସକ ବିଜେଡି ଚାହୁଁ ନାହିଁ **ବରଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପରେ ରାଜନୈତିକ ଆକ୍ରମଣ** ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

**(ବିଜେପି ମିଡିଆ ସେଲ୍)**